ସକାଳ THE SAKALA



www.sakalaepaper.com

**ପୌରପାଳିକାରେ ମିଶ୍ରଣକୁ ବିରୋଧ**

# ପୁଣି ୫ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଅଫିସ ଘେରିଲେ



**ଆଇଆରଇଏଲ୍ ଓ ଗୋପାଳପୁର ପୋର୍ଟ ବନ୍ଦ କରିବାକୁ ଚେତାବନୀ**

**ଛତ୍ରପୁର,୨୦।୨(ସମିସ):** ଛତ୍ରପୁର ପୌରପାଳିକା ଗଠନକୁ ନେଇ ପ୍ରଶାସନିକ ପ୍ରକ୍ରିୟା ଲାଗି ରହିଛି। ତେବେ ପୌରପାଳିକାରେ ମିଶ୍ରଣକୁ ସ୍ଥାନୀୟ ଅଞ୍ଚଳର କିଛି ପଞ୍ଚାୟତ ବିରୋଧ କରୁଥିବାବେଳେ ଅନ୍ୟକିଛି ପଞ୍ଚାୟତ ସ୍ୱାଗତ କରିଛନ୍ତି। ଗୋଟିଏ ପଟେ ଛତ୍ରପୁର ପୌରପାଳିକାରେ ଆର୍ଯ୍ୟପଲ୍ଲୀ, କଣମଣା, ପୋଡ଼ାପଦର, ଅଗସ୍ତିନୂଆଗାଁ ଓ ଚିକଲଖଣ୍ଡି ଆଦି ୫ଟି ପଞ୍ଚାୟତକୁ ମିଶ୍ରଣ କରିବା ପାଇଁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର ମନମୁଖୀ କାର୍ଯ୍ୟକୁ ପଞ୍ଚାୟତବାସୀ ଘୋର ବିରୋଧ କରୁଥିବା ବେଳେ ୫ଟି ପଞ୍ଚାୟତ ଅନ୍ୟ କେତେ ଜନସାଧାରଣମାନେ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଛନ୍ତି। ଛତ୍ରପୁର ପୌରପାଳିକାରେ ପଞ୍ଚାୟତ ଗୁଡିକ ମିଶ୍ରଣକୁ ବିରୋଧ କରି ଆଜିକୁ ମିଶାଇ ୩ଥର ଶହଶହ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବି ଜଣାଇଛନ୍ତି।

ଗୁରୁବାର ଛତ୍ରପୁର ପୌରପାଳିକାରେ ୫ଟି ପଞ୍ଚାୟତ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ପଞ୍ଚାୟତବାସୀ। ଏଦିଗରେ ଜିଲ୍ଲା ପ୍ରଶାସନ ତଥା ସରକାର ୭ ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଗୋପାଳପୁର ପୋର୍ଟ, ଆଇଆରଇଏଲ୍ କମ୍ପାନି ବନ୍ଦ କରାଯିବା ସହ ଡୁବୁଲି ଛକ ରାସ୍ତାଘାଟ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଗୁଡିକରେ ବିନା ପଲ୍ଲୀସଭା କିମ୍ବା ପୌରପାଳିକାରେ ଗ୍ରାମ ଗୁଡିକ ମିଶ୍ରଣ ହେଉଥିବା ନେଇ କୌଣସି ସୂଚନା ନ ଦେଇ ସିଧାସଳଖରେ ପୌରପାଳିକାରେ ୫ଟି ପଞ୍ଚାୟତକୁ ମିଶ୍ରଣ କରାଯାଇ ୱାର୍ଡ ଏବଂ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଥିବା ପ୍ରସଙ୍ଗକୁ ଆନ୍ଦୋଳନକାରୀ ତଥା ପଞ୍ଚାୟତବାସୀ ସରକାରଙ୍କ ମନମୁଖୀ ନୀତିକୁ ତୀବ୍ର ବିରୋଧ କରିଛନ୍ତି। ଏଣୁ ଛତ୍ରପୁର ପୌରପାଳିକା ତାଲିକାରୁ ଏହି ପଞ୍ଚାୟତ ଗୁଡିକୁ ତୁରନ୍ତ ବାଦ୍ ଦିଆଯାଉ। ପୌରପାଳିକା ଗଠନ ପ୍ରକ୍ରିୟାକୁ ସ୍ୱଚ୍ଛତ। ସହ କରି ପ୍ରତି ପଂଚାୟତରେ ପଲ୍ଲୀସଭା ମାଧ୍ୟମରେ ଜନସାଧାରଣଙ୍କ ସହମତିକୁ ପ୍ରାଧାନ୍ୟ ଦେଇ ପୌରପାଳିକାରେ ସ୍ଥାନିତ କରାଯାଉ। ଅଯଥାରେ ଚଞ୍ଚକତା ମଧ୍ୟରେ ତରବରିଆ ଭାବେ ପୌରପାଳିକାରେ ୫ଟି ପଞ୍ଚାୟତକୁ ମିଶ୍ରଣ କରାଯିବା ହୀନ ଚକ୍ରାନ୍ତ ବୋଲି ଶହ ଶହ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର କାର୍ଯ୍ୟକୁ ସମାଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାବେଳେ ପୁଲିସ ସହ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବା ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ।

ଏହି ଆନ୍ଦୋଳନରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରନ୍ କୁମାରୀ ଦାସ, ଶ୍ରମିକ ନେତା ଏସ୍.ଚକ୍ରପାଣି ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଭାଗିରଥି ବେହେରା, ନୀଳକଣ୍ଠ ଦାଶ, ଡି.ଆଦିନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ ଓ ଟି.କ୍ରିଷ୍ଣା ରେଡ୍ଡୀ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ଏନ୍.ଭାନୁମତି ରେଡ୍ଡୀ ଓ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସମ୍ପାଦକ ଏମ୍.ଦିଲୀପ, ସରପଞ୍ଚ ତ୍ରିଲୋଚନ ବେହେରା, କଣମଣା ସରପଞ୍ଚ ବି.ଦମୟନ୍ତୀ, ପୂର୍ବତନ ସମିତିସଭ୍ୟ ବି.ଭୀମସେନ, ଆର୍.ଗୋବିନ୍ଦ. ଟିକିନା ଗୌଡ଼ ଓ କାହ୍ନୁ ବେହେରାଙ୍କ ସମେତ ୫ଟି ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ଲକ୍ ବିଜେଡି ସଭାପତି ହେଲେ ରବୀନ୍ଦ୍ରନାଥ

**କୁକୁଡ଼ାଖଣ୍ଡି,୨୦।୨(ସମିସ):** ବିଜୁ ଜନତା ଦଳର ସଂଗଠନକୁ ମଜବୁତ କରିବା ପାଇଁ ରାଜ୍ୟସ୍ତରରେ ବ୍ଲକ ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ କୁକୁଡ଼ାଖଣ୍ଡି ବ୍ଲକ ପାଇଁ ବରିଷ୍ଠ ବିଜେଡି ନେତା ରବିନ୍ଦ୍ରନାଥ ପାତ୍ରଙ୍କୁ ବ୍ଲକ ସଭାପତି ଭାବେ ମନୋନୀତ କରାଯାଇଛି। ଦଳୀୟ କାର୍ଯ୍ୟରେ ସକ୍ରିୟ ଭୂମିକା, ତଳସ୍ତରରେ ଦୃଢ଼ ସଂଗଠନ ଓ କର୍ମୀମାନଙ୍କ ସହିତ ଭଲ ସମ୍ପର୍କ ରଖିଥିବାରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ପୂର୍ବରୁ ସେ ଦଳୀୟ କାର୍ଯ୍ୟକ୍ରମରେ ସଦା ସକ୍ରିୟ ରହି ଦଳର ଶକ୍ତି ବର୍ଦ୍ଧନରେ ଅନେକ ଅବଦାନ ରଖି ଆସିଛନ୍ତି। ବି ରବୀନ୍ଦ୍ରନାଥ ପାତ୍ର ସମିତି ସଭ୍ୟ, ଜଗଦଳପୁର ଭାବେ ନିର୍ବାଚିତ ହୋଇଥିବାବେଳେ ଦୀର୍ଘ ପଞ୍ଚତିରିଶି ବର୍ଷରୁ ଉର୍ଦ୍ଧ୍ୱ ରାଜନୀତିରେ ସକ୍ରିୟ ଅଛନ୍ତି। ବ୍ଲକର ଜଣେ ବରିଷ୍ଠ ରାଜନେତା ଯାହାକି ଦଳକୁ ସୁଦୃଢ଼ କରିବା ସହିତ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବେ। ଲାଞ୍ଜିଆ ସମିତିସଭ୍ୟ ତଥା ଆମ୍ବଗଡ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ଶ୍ରୀ ପାତ୍ରଙ୍କୁ ସେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।



## ସିଡିପିଓ ରୋକିଲେ ବାଲ୍ୟବିବାହ

**ଧରାକୋଟ,୨୦।୨(ସମିସ):** ଧରାକୋଟ ବ୍ଲକ ମାଣିକପୁର ସେକ୍ଟର ଅଧୀନସ୍ଥ ବାହାରପୁର ଗ୍ରାମରେ ଆଜି ଏକ ବାଲ୍ୟବିବାହ ରୋକିଛନ୍ତି ଧରାକୋଟ ସିଡିପିଓ ସୁନୀଲ ପ୍ରଭା ରଥ। ନାବାଳିକା ବିବାହ ନେଇ ଶୁକ୍ରବାର ବିଶେଷସୂତ୍ରରୁ ଖବର ପାଇ ଧରାକୋଟ ସିଡିପିଓ, ବଡ଼ଗଡ଼ ଥାନା ଅଧିକାରୀ ବିମଳ କୁଅଁର, ଅଞ୍ଚଳ ପରିଦର୍ଶିକା ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖ ବାହାରପୁର ଗ୍ରାମରେ ପହଞ୍ଚିଥିଲେ। ୧୭ ବର୍ଷ ୧୧ ମାସ ହୋଇଥିବା ଜଣେ ଝିଅ ସହ ନିକଟସ୍ଥ ମାଣିକପୁର ପଞ୍ଚାୟତ ହରିପ୍ରିୟାପୁର ଗ୍ରାମର ଯୁବକଙ୍କ ବାହାଘର ନେଇ ସମସ୍ତ ପ୍ରକାର ବିଧିବ୍ୟବସ୍ଥା ହୋଇ ସାରିଥିଲେ ମଧ୍ୟ ଏହି ବାଲ୍ୟ ବିବାହକୁ ବନ୍ଦ କରି ଏକ ଲିଖିତ ଚୁକ୍ତିନାମା କରି ଫେରିଆସିଛନ୍ତି। ପ୍ରକାଶଯୋଗ୍ୟ ଯେ, ବାହାଘର ପାଇଁ କନ୍ୟାପକ୍ଷ ଓ ବରପକ୍ଷରୁ ସମସ୍ତ ପ୍ରସ୍ତୁତି ଏପରିକି ଭୋଜିଭାତ ପାଇଁ ସାମଗ୍ରୀ କିଣା ସହ ନିମନ୍ତ୍ରଣ ପତ୍ର ମଧ୍ୟ ବଣ୍ଟା ସାରିଥିଲା। ଆଶ୍ଚର୍ଯ୍ୟର କଥା ବେଟି ବଚାଓ ବେଟି ପଢାଓ, ବାଲ୍ୟ ବିବାହ ରୋକିବା ଭଳି ସଚେତନ ସରକାରଙ୍କ ପକ୍ଷରୁ କରାଯାଉଥିଲେ ମଧ୍ୟ ସମାଜ ଉପରେ ଏହାର ପ୍ରଭାବ ପଡୁନଥିବା ଚିନ୍ତାର ବିଷୟ।

## ତ୍ରିଲୋଚନ ବୁଗୁଡ଼ା ଏନ୍ଏସି ଓ ଖଦାଳ ବ୍ଲକ୍ ବିଜେଡି ସଭାପତି





**ବୁଗୁଡ଼ା,୨୦।୨(ସମିସ):** ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଗୁଡ଼ା ଏନ୍ଏସି ଏବଂ ବ୍ଲକ ସଭାପତି ଭାବେ ଯଥାକ୍ରମେ କେ. ତ୍ରିଲୋଚନ ଦୋରା ଏବଂ ଖଦାଳ ଖଟେଇଙ୍କୁ ନିଯୁକ୍ତ କରାଯାଇଛି। ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ ଏବଂ ପୂର୍ବରୁ ନଗର ସଭାପତି ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇଥିବା ଯୁବ ନେତା ତ୍ରିଲୋଚନ ଦୋରାଙ୍କ ଅଭିଜ୍ଞତାକୁ ପାଥେୟ କରି ଦଳ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି। ସଭାପତି ଭାବେ ନିଯୁକ୍ତି ପାଇବା ପରେ ଉଭୟଙ୍କୁ ଦଳୀୟ କର୍ମୀ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ସେ ଦୁହେଁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଉନ୍ନତି ଦିଗରେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

## ତାରକେଶ୍ୱର ବ୍ଲକ୍ ଏବଂ ତାରାପ୍ରସାଦ ନଗର ବିଜେଡି ସଭାପତି





**ଦିଗପହଣ୍ଡି,୨୦।୨(ସମିସ):** ଦିଗପହଣ୍ଡି ବ୍ଲକ ବିଜେଡ଼ି ସଭାପତି ଭାବେ କେ. ତାରକେଶ୍ୱର ଦୋରାଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ଦିଗପହଣ୍ଡି ନଗର ବିଜେଡ଼ି ସଭାପତି ଭାବେ ତାରାପ୍ରସାଦ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଭୟଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ବ୍ଲକ ସଭାପତି ଭାବେ ନିଯୁକ୍ତ ଥିବା ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ମହାପାତ୍ରଙ୍କ ଦେହାନ୍ତ ହେବା ପରେ ବିଜେଡି ବ୍ଲକ ସଭାପତି ପଦବୀ ଖାଲି ପଡିଥିଲା। ନବ ନିଯୁକ୍ତ ବ୍ଲକ ଓ ନଗର ବିଜେଡି ସଭାପତି ରାଜ୍ୟ ସଭାପତି ଏବଂ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜ୍ୟ କାର୍ଯ୍ୟକର୍ତ୍ତା ବିପ୍ଳବ ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦୁର୍ଘଟଣାରେ ୫ ମାଟ୍ରିକ୍ ପରୀକ୍ଷାର୍ଥିନୀ ଆହତ

**କୋଦଳା,୨୦।୨(ସମିସ):** ଗୁରୁବାର ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଯାଇଛି। କୋଦଳା ନିକଟସ୍ଥ ପି. ନୂଆଗାଁ ସ୍ଥିତ ବଲ୍ଲଭ ନାୟକ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଏକ ଅଟୋରେ ସାଙ୍କୁଡ଼ା ସ୍ଥିତ ଧବଳେଶ୍ୱର ବିଦ୍ୟା ପିଠକୁ ପରୀକ୍ଷା ଦେବାକୁ ଯାଇଥିଲେ। ପରୀକ୍ଷା ଦେଇ ଫେରିବା ବେଳେ ସୁମଣ୍ଡଳ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ କୌଣସି କାରଣରୁ ଅଟୋଟି ଦୁର୍ଘଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ୫ଜଣ ଛାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଥି ମଧ୍ୟରୁ ତିନି ଜଣ ଛାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ନିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଜବତ କରିବା ସହ ତଦନ୍ତ ଜାରି ରଖିଛି।



## ବୃଦ୍ଧାଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

**ଆସିକା,୨୦।୨(ସମିସ):** ଆସିକା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମର ଜଣେ ବୃଦ୍ଧା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଇନ୍ଦୁ ଜେନା(୮୦)। ସେ ବିଷପାନ କରି ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ବିଷ ପାନର କାରଣ ଅସ୍ପଷ୍ଟ ରହିଛି। ଶୁକ୍ରବାର ଇନ୍ଦୁ ତାଙ୍କ ଝିଅକୁ ଖାଇବାକୁ ଦେବାକୁ କହିଥିଲେ। ଝିଅ ଖାଇବା ପରସୁଥିବାବେଳେ ଇନ୍ଦୁ ଘରେ ଥିବା କୀଟନାଶକ ପିଇ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ଇନ୍ଦୁଙ୍କୁ ମୃତ ଘୋଷଣା କରିଥିଲେ।

## ଗାଧୋଇବାକୁ ଯାଇ ଗଣ୍ଡରେ ବୁଡ଼ିଗଲେ ବୃଦ୍ଧା

**ଦିଗପହଣ୍ଡି,୨୦।୨(ସମିସ):** ଦିଗପହଣ୍ଡି ବ୍ଲକ କଇଁଠଖଣ୍ଡି ଗ୍ରାମ ଦେଇ ପ୍ରବାହିତ ଘୋଡ଼ାହାଡ଼ ନଦୀର ଗଣ୍ଡରେ ବୁଡ଼ିଯାଇ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ବୃଦ୍ଧା ଜଣକ ହେଲେ କଇଁଠଖଣ୍ଡି ଗ୍ରାମର ସୁବାସି ଗୌଡ଼(୭୩)। ପ୍ରତିଦିନ ଭଳି ବୃଦ୍ଧା ଜଣକ ଶୁକ୍ରବାର ସକାଳ ପ୍ରାୟ ୭ଟାରେ ନଦୀ ଗଣ୍ଡକୁ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ସନ୍ଧାନ ପାଇନଥିଲେ। ଅପରାହ୍ନ ପ୍ରାୟ ୩ ଟାରେ ମୃତଦେହ ନଦୀ ଗଣ୍ଡରେ ଭାସୁଥିବା କିଛି ବ୍ୟକ୍ତି ଦେଖି ପରିବାର ଲୋକକୁ ଜଣାଇଥିଲେ। ଦିଗପହଣ୍ଡି ଦମକଳ ବାହିନୀ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅସାବଧାନତା କାରଣରୁ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଦିଗପହଣ୍ଡି ଥାନାରେ ଏତଲା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ନଂ.୬/୨୬ ରୁଜୁ କରିବା ସହ ଏଏସଆଇ କହ୍ନେଇ ମିର୍ଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରିଛନ୍ତି। ଶନିବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର କହିଛନ୍ତି।

**● ଅଘରୀ ନାହାକ ହତ୍ୟା ଘଟଣା**

## ଆତ୍ମସମର୍ପଣ କଲେ ଆଉ ଜଣେ ଅଭିଯୁକ୍ତ

**ଖଲ୍ଲିକୋଟ,୨୦।୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ସିଆଳିଆପାଟ ରାଇପଡା ରାସ୍ତାରେ ଗତ ୬ ତାରିଖରେ ଘଟିଥିବା ଭିକାପଡା ଗ୍ରାମର ଅଘରି ନାହାକ ଓରଫ ହଟିଆ ହତ୍ୟାକାଣ୍ଡ ଘଟଣାର ଆଉ ଜଣେ ଅଭିଯୁକ୍ତ ଶୁକ୍ରବାର ଖଲ୍ଲିକୋଟ କୋର୍ଟରେ ଆତ୍ମସମର୍ପଣ କରିଛି। ଅଭିଯୁକ୍ତ ଜଣଙ୍କ କୃଷ୍ଣ ପାଣ୍ଡି। ତେବେ ଠିକା କାମ ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା। ପୂର୍ବରୁ ପୁଲିସ ଏହି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଖଲ୍ଲିକୋଟ ଥାନା ପକ୍ଷରୁ ସୂଚନା ମିଳିଛି।

## ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ କର୍ମଶାଳା

**ଖଲ୍ଲିକୋଟ,୨୦।୨(ସମିସ):** ଖଲ୍ଲିକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ସିଡିପିଓ ମଧୁମିତା ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗାଁ ଗହଳିରେ ଭୂତ ଡାହାଣୀ ଲାଗିବା ଏକ ମିଥ୍ୟା ଗୁଜବ ଓ ଅନ୍ଧବିଶ୍ୱାସ ବୋଲି କହିଥିଲେ। କୌଣସି ମହିଳାଙ୍କୁ ଯଦି ଡାହାଣୀ ସନ୍ଦେହରେ କେହି ନିର୍ଯାତନା ଦେବେ ତାହାହେଲେ ଆଇନ ଅନୁଯାୟୀ ସେମାନେ ଦଣ୍ଡିତ ହେବେ। ଭୂତ ଡାହାଣୀ ଲାଗିବା ଏକ ସାମାଜିକ ବ୍ୟାଧି ଓ ଏହାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ ବିଡ଼ିଓ ଶ୍ରୀ ସାମଲ। ଏହି କର୍ମଶାଳାରେ ଗଞ୍ଜାମ ଏସଡବ୍ଲୁଓ ପାର୍ବତୀ ସୋରେନ୍, ୟୁନିସେଫ ଜିଲ୍ଲା କୋଡ଼ିନେଟର ଦେବବନ୍ତ ମହନ୍ତ, ଡାର୍ଟ ହବ୍ ଜିଲ୍ଲା କୋଡିନେଟର ଗୀତାଞ୍ଜଳୀ ମହାରଣା, ବ୍ରହ୍ମପୁର ପିଓ ପ୍ରମୋଦା ଦାଶ, ରିସର୍ଚ୍ଚ ପର୍ସନ ତଥା ଆଇନଜୀବୀ ଜମିର୍ ଅଲ୍ଲୀ ଖାଁନ ଓ ରତ୍ନେଶ୍ୱର୍ ସାହୁଙ୍କ ସହ ପୁରୁଷୋତ୍ତମପୁର, ପୋଲସରା, ଛତ୍ରପୁର, କବିସୂର୍ଯ୍ୟନଗରର ସିଡିପିଓ ମାନେ ଯୋଗଦେଇ ଉପସ୍ଥିତ ଥିବା ଅଙ୍ଗନବାଡି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଲୋକ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




## ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ; ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୨୦।୨(ସମିସ):** ୨୦୨୪ ଅଗଷ୍ଟ ମାସ ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହେଇଥିଲା। ପୁଲିସ ମାମଲାରେ ଫେରାର ଥିବା ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାଣପୁର ଥାନା ଅଧିନସ୍ଥ ୱାଲାଡି ନାରାୟଣପୁର ଗ୍ରାମର ସଞ୍ଜୁ ଲେଙ୍କା ଓରଫ ସୁଶାନ୍ତ ନାୟକ ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ଘଟଣାପରେ ସଞ୍ଜୁ ନାବାଳିକା ଛାତ୍ରୀଙ୍କୁ ଧରି ବାହାର ରାଜ୍ୟକୁ ଚାଲିଯାଇଥିଲେ। ଗତ ମାସ ୨୬ ତାରିଖରେ ଗୋଳନ୍ଥରା ଥାନା ପୁଲିସ ବାଣପୁର ଥାନା ଅନ୍ତର୍ଗତ ୱାଲାଡି ନାରାୟଣପୁର ଗ୍ରାମର ସଞ୍ଜୁ ଘରୁ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ଛାତ୍ରୀଙ୍କ ଡାକ୍ତରୀ ମାଇନା କରିବା ପରେ ବିଏନଏସଏସ ୧୮୩ ଧାରା ଅନୁସାରେ ବିଚାରପତି ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା।



ସୂଚନାଯୋଗ୍ୟ ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ଯୁକ୍ତ ୨ କଳା ପ୍ରଥମ ବର୍ଷ ନାବାଳିକା ଛାତ୍ରୀ ୨୦୨୪ ଅଗଷ୍ଟ ୧୪ରେ କନିଷି ହାଟ କଲେଜକୁ ଆସି ଘରକୁ ଆଉ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ସେହିମାସ ୧୬ ତାରିଖ ଦିନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅପହରଣ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ଗଗନ ବେହେରା କହିଛନ୍ତି।

## ବିପଦକୁ ହାତଠାରି ଡାକୁଛି ଶାଖା କେନାଲ

**ଗାର୍ଡୱାଲ୍ ନଥିବାରୁ ନାଳକୁ ଖସି ପଡୁଛି ଗାଡ଼ି**

**ଗଞ୍ଜାମ,୨୦।୨(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ବଡ଼ଶଙ୍ଖର ଶାଖା କେନାଲ ଏବେ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଉକ୍ତ ସ୍ଥାନରେ ଛତ୍ରପୁର ଅଞ୍ଚଳ ତରେଇପାଟପୁର ଗ୍ରାମର ଜି ଏଙ୍କେଟ ରାଓ ନାମକ ଜଣେ ଯୁବକ ରାତିରେ ଶଶୁର ଘରକୁ ଯିବାବେଳେ ଶାଖା କେନାଲରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଛତ୍ରପୁର ପଟୁ ଗଞ୍ଜାମ ବ୍ଲକର କରପଡା ଅଞ୍ଚଳକୁ ବିଭିନ୍ନ ଯାନ ବାହାନରେ ଯିବାବେଳେ ସାମାନ୍ୟ ବୁଲାଣି ପଡୁଛି। ହେଲେ ଶାଖା କେନାଲ ସମ୍ମୁଖରେ ଗାର୍ଡୱାଲ ଦିଆଯାଇନଥିବାରୁ ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।



ପ୍ରକାଶ ଥାଉକି କିଛି ବର୍ଷତଳେ ଗଞ୍ଜାମ ବ୍ଲକରେ ରହିଥିବା ବ୍ରିଟିଶ ଅମଳର ପୋଲଟି ନିର୍ମାଣ କରାଯାଇଥିଲା। ପୋଲ ନିର୍ମାଣ ସମୟରେ ଖାରିନାଳରେ ଯିବାଆସିବା କରୁଥିବା ଜଳକୁ କିଛି ଦୂରରେ ଶାଖା କେନାଲରେ ଛାଡ଼ିବା ବ୍ୟବସ୍ଥା କରିବାକୁ ଏକ ଶାଖା କେନାଲ ନିର୍ମାଣ କରାଯାଇଥିଲା। କିନ୍ତୁ ଉକ୍ତ ସ୍ଥାନରେ ବିଭାଗୀୟ କର୍ତ୍ତୃପକ୍ଷ ଗାର୍ଡୱାଲ ନଦେଇ ଛାଡ଼ିଦେଇଥିଲେ। ଫଳରେ ଏଭଳି ଦୁର୍ଘଟଣା ଘଟୁଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଖଣ୍ଡାରେ ଆକ୍ରମଣ ମାମଲା ଆଉ ଜଣେ ଗିରଫ

ବ୍ରହ୍ମପୁର,୨୦ ।୨(ସମିସ): ପ୍ରହଲ୍ଲାଦନଗର ୪ର୍ଥ ଲାଇନର କେ. ଚରଣ କୁମାର ଓରଫ ଚିକିଲିଙ୍କୁ ଖଣ୍ଡାରେ ଆକ୍ରମଣ ମାମଲାରେ ବଡ଼ବଜାର ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଧାନମେରା ସାହିର ଜିତୁ ଦାସ । ପୂର୍ବରୁ ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି । ସୂଚନାପ୍ରକାରେ, ୨୦୨୫ ଅକ୍ଟୋବର ୨୦ ତାରିଖରେ ଚରଣ ନିଜ ସାହି ଛକରେ ବସିଥିବା ବେଳେ ଅଭିଯୁକ୍ତ ଜିତୁ ଦାସ ସମେତ ରଞ୍ଜନ ଦାସ, ଅଭିନାଶ ବେହେରା, ଅର୍ଯ୍ୟାନ ହାତୀ, କମଳ ହାତୀ, ଅଭିଜିତ ନାୟକ, କିଟୁ ନାୟକ ଓ ସୋନୁ ସାହୁ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଚରଣ ଗୁରୁତର ଆହତ ହୋଇ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଚିକିତ୍ସା ପରେ ଘଟଣାକୁ ନେଇ ଚରଣ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏସମ୍ପର୍କରେ ଏକ ମାମଲା ରୁଜୁ କରିଥିଲା।

# ଗୋପାଳପୁରରେ ନୂତନ ଥାନା ଅଧିକାରୀ



ବ୍ରହ୍ମପୁର,୨୦।୨(ସମିସ): ଗୋପାଳପୁର ଥାନାରେ ଆଜି ନୂତନ ଥାନା ଅଧିକାରୀ ଭାବେ ସତ୍ୟ ରଞ୍ଜନ ଲେଙ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଲେଙ୍କା ପୂର୍ବରୁ ବ୍ରହ୍ମପୁର ପୁଲିସ ମୁଖ୍ୟାଳୟରେ ଥିଲେ। ଆଜି ଦାୟିତ୍ୱ ନେବା ପରେ ସମସ୍ତ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ମହିଳା ବିରୋଧୀ ଅପରାଧ ପାଇଁ ତଦନ୍ତକାରୀ ୟୁନିଟ୍ (ଆଇୟୁସିଏଡବ୍ଲ୍ୟୁ) ରେ ନିଯୁକ୍ତି ଦିଆଯାଇଛି। ଗୋପାଳପୁର ଏକ ପର୍ଯ୍ୟଟନସ୍ଥଳି ହୋଇଥିବାରୁ ଗୋପାଳପୁରକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ସହ ଅଂଚଳରେ ଶାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଲେଙ୍କା କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଥାନା ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

# ଦୋକାନ ତାଲା ଭାଙ୍ଗି ଚୋରି: ଫେରାର୍ ଅଭିଯୁକ୍ତ ଗିରଫ




ବ୍ରହ୍ମପୁର,୨୦ ।୨(ସମିସ): ଦୋକାନ ତାଲା ଭାଙ୍ଗି ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତଙ୍କୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଖାଜାସାହିର ଏସ୍ କେ ଆସିଫ୍ ଓରଫ ପଠାନ୍(୨୧) । ଅଭିଯୁକ୍ତଙ୍କ ଠାରୁ ବିଭିନ୍ନ ବ୍ରାଣ୍ଡର ୮ ୯ ସିଗାରେଟ୍ ପ୍ୟାକେଟ୍, ୫ ବିସ୍କୁଟ ପ୍ୟାକେଟ୍ ୨୪ ରେଡ୍‌ବୁଲ, ଗୋଟିଏ ମୋବାଇଲ, ନଗଦ ୧୪୫୦ ଟଙ୍କା ଓ ଘଟଣାରେ ବ୍ୟବହାର ହୋଇଥିବା ପଲସର ବାଇକକୁ ପୁଲିସ ଜବତ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଗାନ୍ଧୀନଗର ୫ମ ଲାଇନର ଲକ୍ଷ୍ମଣ ସାହୁଙ୍କ ଗାନ୍ଧୀନଗର ଛକରେ ଏକ ଦୋକାନ ରହିଛି। ଗତ ନଭେମ୍ବର ୩ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ୪ ତାରିଖ ସକାଳୁ ଖୋଲିବାକୁ ଆସିଥିଲେ। ଦୋକାନର ତାଲା ଭଙ୍ଗି କେହି ଦୁର୍ବୃତ୍ତ ଥଣ୍ଡା ପାନୀୟ, ସିଗାରେଟ୍ ଏବଂ ଗୁଟଖା ସମେତ ନଗଦ ୧୨ହଜାର ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ଲକ୍ଷ୍ମଣଙ୍କ ପୁଅ ଦଣ୍ଡପାଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଯାଞ୍ଚ ବେଳେ ଶେଖ ସମୀର, ମହମ୍ମଦ ବଶିରୁଦ୍ଦିନ ଏବଂ ଏସକେ ଆସିଫ୍ ଆଦି ୩ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଥିଲା। ନଭେମ୍ବର ୬ ତାରିଖରେ ଅଭିଯୁକ୍ତ ଶେଖ ସମୀର ଏବଂ ମହମ୍ମଦ ବଶିରୁଦ୍ଦିନଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ସେମାନେ ଉଭୟେ ଏସକେ ଆସିଫଙ୍କ ସହିତ ଗାନ୍ଧୀନଗର ଛକରେ ଥିବା ପାନ ଦୋକାନରୁ ଚୋରି କରିଥିଲେ। ଚୋରି ସାମଗ୍ରୀ ଅଭିଯୁକ୍ତଙ୍କ ଠାରୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଏସ୍ କେ ଆସିଫ ଘଟଣା ପରେ ସ୍ଥାନୀୟ ଅଞ୍ଚଳରୁ ଫେରାର୍ ହୋଇଯାଇଥିଲା। ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

# ମା' ହତ୍ୟାର ଏତଲା ଧରି ବୁଲୁଛି ପୁଅ

## ୩ ଥାନା ବୁଲିଲେଣି; କେହି ଏତଲା ନେଉନାହାନ୍ତି



ବ୍ରହ୍ମପୁର,୨୦।୨(ସମିସ)

ଏମକେସିଜି ମେଡିକାଲର ସ୍ୱାସ୍ଥ୍ୟ ସହାୟିକା ରାଜଲକ୍ଷ୍ମୀ ସାହୁଙ୍କ ମୃତ୍ୟୁକୁ ନେଇ ସସପେନ୍ସ ଜାରି ରହିଛି। ଏଭଳି ସ୍ଥିତିରେ ମୃତକ ରାଜଲକ୍ଷ୍ମୀ ଓରଫ ପିଙ୍କିଙ୍କ ମୃତ୍ୟୁକୁ ସନ୍ଦେହ କରି ତାଙ୍କ ପୁଅଙ୍କ ଦ୍ୱାରା ଦିଆଯାଉଥିବା ଲିଖିତ ଅଭିଯୋଗକୁ ପୁଲିସ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଘଟଣା ଗତ ୧୭ତାରିଖ ବିଳମ୍ବିତ ରାତିରେ ହୋଇଥିବା ବେଳେ ପିଙ୍କିଙ୍କ ସତ୍କାର ପରେ ପୁରୀରୁ ଫେରି ତାଙ୍କ ପୁଅ ଯତୀନ ଘଟଣା ସମ୍ପର୍କରେ ଏତଲା ଦେବାକୁ ଚାହିଁଥିଲେ। ପ୍ରଥମେ ସେ ବ୍ରହ୍ମପୁର ଜିଆରପି, ବୈଦ୍ୟନାଥପୁର ଓ ପରେ ଗୋପାଳପୁର ଥାନାକୁ ବିଭିନ୍ନ ଥାନାର ଅଧିକାରୀଙ୍କ ପରାମର୍ଶକ୍ରମେ ଯାଇଥିଲେ। କିନ୍ତୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଥାନାରେ ଏତଲା ଦାୟର ହୋଇପାରି ନ ଥିବା ଜଣାପଡ଼ିଛି। ଏତଲାକାରୀ ତଥା ମୃତ ପିଙ୍କିଙ୍କ ଦୁଇ ପୁଅ ମା'ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଏତଲା ଦାଏର କରିବାକୁ ବିଭିନ୍ନ ଥାନାକୁ ଯାଇଥିଲେ ହେଁ କେହି ତାହାକୁ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଘଟଣା ପରଠାରୁ ସନ୍ଦେହରେ ଥିବା ସମସ୍ତ ଅଭିଯୁକ୍ତ ଫେରାର ଥିବାବେଳେ ପୁଲିସ ଚୁପ ରହିବା ସନ୍ଦେହକୁ ଦୃଢ଼ୀଭୂତ କରିଛି। ସବୁଠାରୁ ନିରାଶ ହେବା ପରେ ପିଙ୍କିଙ୍କ ସନ୍ଦେହଜନକ ମୃତ୍ୟୁ ତଥା ହତ୍ୟା ସନ୍ଦେହ ଅଭିଯୋଗର ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ ହେଲେ ବ୍ରହ୍ମପୁର ପୁଲିସ ନୁହଁ ବରଂ ଏହାର ଉଚ୍ଚସ୍ତରୀୟ ତଥା ବିଚାରବିଭାଗୀୟ ତଦନ୍ତ ଜରୁରୀ ବୋଲି ମୃତ ପିଙ୍କିଙ୍କ ପରିବାରବର୍ଗ ଦାବି କରିଛନ୍ତି। ଏତଲା ରଖିବାକୁ ପୁଲିସ ଅଥବା ଜିଆର୍‌ପି କାହିଁକି ପଛଘୁଞ୍ଚା ଦେଉଛି ତାହା ତଦନ୍ତ ସାପେକ୍ଷ।

# ଗେଟ୍‌ବଜାର ଓଭର୍‌ବ୍ରିଜ୍‌କୁ ନେଇ ଜନଶୁଣାଣି

ବ୍ରହ୍ମପୁର,୨୦ ।୨(ସମିସ): ସହରର ଗେଟ୍‌ବଜାର ଅଞ୍ଚଳରେ ପ୍ରସ୍ତାବିତ ଓଭର୍‌ବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଆବଶ୍ୟକ ଜମି ଅଧିଗ୍ରହଣ ନେଇ ସ୍ଥାନୀୟ କୋଠାରୀ ମନ୍ଦିର ପରିସରରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣିରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ କର୍ପୋରେଟର ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଗେଟ୍‌ବଜାର ଛକରେ ରାସ୍ତା ଉପରେ ପୋଲ ନିର୍ମାଣ ନିମନ୍ତେ ୦.୩୯୫୦ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଗେଟ୍‌ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଓଭରବ୍ରିଜ୍ ନିର୍ମାଣ ହେଲେ ଯାତାୟାତ ସୁବିଧା ସହ ଦୁର୍ଘଟଣା ହାର କମିବ ବୋଲି ପ୍ରଶାସନ ଆଶାବ୍ୟକ୍ତ କରିଛି। କିନ୍ତୁ ଏଥିପାଇଁ କିଛି ଜମି ଅଧିଗ୍ରହଣ ଆବଶ୍ୟକ ହେବାରୁ ପ୍ରଭାବିତ ପରିବାରମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସଭାରେ ଜମିମାଲିକ ଓ ବ୍ୟବସାୟୀମାନେ ନିଜ ମତାମତ ଓ ଅଭିଯୋଗ ରଖିଥିଲେ। କିଛି ବ୍ୟକ୍ତି ସେମାନଙ୍କ ଜମି ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ। କିନ୍ତୁ ପୂର୍ବରୁ ସେମାନଙ୍କ ଅଳ୍ପ ଜମି ରହିଥିବା ବେଳେ ସେଥିମଧ୍ୟରୁ କିଛି ପରିମାଣର ଜମି ଅଧିଗ୍ରହଣ କରାଗଲେ, ଅବଶିଷ୍ଟ ଜମି ସେମାନଙ୍କ ନିମନ୍ତେ ଅଲୋଡ଼ା ହୋଇପଡୁଛି। ତେଣୁ ଏଭଳି କ୍ଷେତ୍ରରେ ବେଞ୍ଚମାର୍କ ମୂଲ୍ୟକୁ ବିଚାର ନକରି ଜମିର ୨୦ଗୁଣ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ସଭାରେ ଜମି ଅଧିଗ୍ରହଣ ପ୍ରକ୍ରିୟା, କ୍ଷତିପୂରଣ ପ୍ରଦାନ ଓ ପୁନର୍ବାସ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।




ପ୍ରଭାବିତ ଲୋକମାନେ ଯଥାଯଥ କ୍ଷତିପୂରଣ ଓ ପୁନର୍ବାସ ବ୍ୟବସ୍ଥା ପାଇଁ ଦାବି କରିଥିଲେ। କେତେକ ବ୍ୟବସାୟୀ ନିଜ ବ୍ୟବସାୟ ହାନୀ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସହରର ଉନ୍ନତି ଓ ଯାତାୟାତ ସୁବିଧା ଦୃଷ୍ଟିରୁ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସମସ୍ତ ଅଭିଯୋଗ ଓ ପ୍ରସ୍ତାବକୁ ବିଚାର କରାଯିବ ଓ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କର୍ପୋରେଟର ଆରତୀ ତନ୍ତୀ, ବ୍ରହ୍ମପୁର ତହସିଲଦାର ରାକେଶ କୁମାର ପରିଡ଼ା ଏବଂ ଓବିସିସିର ପ୍ରୋଜେକ୍ଟ ମ୍ୟାନେଜର ଆର. ଏଲ ସୁବୁଦ୍ଧି ପ୍ରମୁଖ ଜନଶୁଣାଣିରେ ଉପସ୍ଥିତ ଥିଲେ।

# ବିକ୍ରମଙ୍କ ଏମ୍‌ଆର୍‌ଆଇ ଟେଷ୍ଟ, ଆଇସିୟୁରେ ମଳୟଙ୍କ ଚିକିତ୍ସା ଜାରି



ବ୍ରହ୍ମପୁର,୨୦ ।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଏମକେସିଜି ମେଡ଼ିକାଲ ସର୍ଜରୀ ବିଭାଗରେ ଚିକିତ୍ସା ଜାରି ରହିଛି। ବିକ୍ରମଙ୍କ ଅଣ୍ଟାରେ ଭୀଷଣ ଯନ୍ତ୍ରଣା ହେବାରୁ ଡାକ୍ତରଙ୍କ ପରାମର୍ଶରେ ଶୁକ୍ରବାର ଏମ୍‌ଆରଆଇ କରାଯାଇଛି। କଡ଼ା ସୁରକ୍ଷାରେ ବିକ୍ରମ ପଣ୍ଡାଙ୍କୁ ପିଏମ୍‌ଏସ୍‌ଏମ୍‌ୱାଇ କୋଠାକୁ ଅଣାଯାଇ ଏମ୍‌ଆରଆଇ କରାଯାଇଥିଲା। ରିପୋର୍ଟ ଆଧାରରେ ତାଙ୍କର ଚିକିତ୍ସା କରାଯିବ ବୋଲି ଡ଼ାକ୍ତର କହିଛନ୍ତି। ସେହିପରି ତାଙ୍କ ଗଲବ୍ଲାଡର ଷ୍ଟୋନ୍ ଅପରେସନ ପାଇଁ ରକ୍ତର ବିଭିନ୍ନ ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀଙ୍କ ମେଡ଼ିକାଲ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା ଜାରୀ ରହିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ମଳୟ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ଗୁରୁବାର ଇକୋ ପରୀକ୍ଷା କରାଯାଇଥିଲା। ଶୁକ୍ରବାର ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର ଆଇସିୟୁରେ ପହଞ୍ଚି ତାଙ୍କର ଚିକିତ୍ସା କରିଛନ୍ତି। ମଳୟଙ୍କ ଛାତିରେ ଇନ୍‌ଫେକ୍ସନ ଥିବାରୁ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏହାସହ ରକ୍ତ ସର୍କରା ବା ମଧୁମେହ ରୋଗରେ ସେ ପୀଡ଼ିତ ଥିବାବେଳେ ତାଙ୍କ ଗୋଡରେ ଥିବା ଘା' ଶୁଖିବାରେ ସମସ୍ୟା ହୋଇ ଗଭୀର କ୍ଷତ ହୋଇଛି। ଏଭଳି ଏକାଧିକ ରୋଗରେ ପୀଡ଼ିତ ଥିବା ମଳୟଙ୍କ ଆଇସିୟୁରେ ଚିକିତ୍ସା ଜାରି ରହିଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥି ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ବଜାରରେ ମାରୁତି ସୁଜୁକିର 'ଇ-ଭିଟାରା'

ବ୍ରହ୍ମପୁର,୨୦ ।୨(ସମିସ): ବ୍ରହ୍ମପୁର ଜାତୀୟରାଜପଥ ଗୋପାଳପୁର ଜଙ୍କସନରେ ଥିବା ନେକ୍ସା ଶୋ'ରୁମ୍‌ରେ ଶୁକ୍ରବାର ନୂତନ ଇଲେକ୍ଟ୍ରିକ କାର ଇ-ଭିଟାରା ଉନ୍ମୋଚିତ ହୋଇଛି। ମାରୁତି ସୁଜୁକି ପକ୍ଷରୁ ଭାରତର ପ୍ରଥମ ସ୍ଥାନୀୟ ନିର୍ମିତ ଗ୍ଲୋବାଲ ଇଲେକ୍ଟ୍ରିକ୍ ଏସୟୁଭି ଇ-ଭିଟାରା ବର୍ତ୍ତମାନ ବ୍ରହ୍ମପୁରରେ ଉପଲବ୍ଧ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ସଞ୍ଜିତ କୁମାର ମିଶ୍ର ଯୋଗ ଦେଇ ଉନ୍ମୋଚିତ କରିଥିଲେ। ଏହି ନୂତନ ଇ-ଭିଟାରା କାର ହାର୍ଟଟେକ୍-ଇ ପ୍ଲାଟଫର୍ମରେ ନିର୍ମିତ ହୋଇଥିବା ବେଳେ ଏଥିରେ ୪୯ କିଲୋୱାଟ ଏବଂ ୬୧କିଲୋୱାଟର ଦୁଇଟି ଲିଥିୟମ୍ ଆଇରନ୍ ଫସଫେଟ୍ ବ୍ୟାଟେରି ବିକଳ୍ପ ରହିଛି। ଏହାର ୬୧ କିଲୋୱାଟ ଭାରିଆଣ୍ଟ ଥରେ ଚାର୍ଜ ହେଲେ ୫୪୩ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିବ ବୋଲି କମ୍ପାନୀ ଦାବି କରିଛି। ମାତ୍ର ୫୦ ମିନିଟ୍‌ରେ ବ୍ୟାଟେରୀକୁ ୮୦ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ କରିପାରିବା ଭଳି ଏହି ଗାଡ଼ିରେ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି। ସୁରକ୍ଷା ଦୃଷ୍ଟିରୁ ଏହାକୁ ଭାରତ ଏନ୍‌ଏସିପି ପକ୍ଷରୁ ୫-ଷ୍ଟାର୍ ରେଟିଂ ମିଳିଥିବା ବେଳେ ଏଥିରେ ୭ଟି ଏୟାରବ୍ୟାଗ୍ ଓ ଲେଭଲ୍-୨ ଏଡିଏଏସ୍ ସୁଟ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଉନ୍ମୋଚନ ଉତ୍ସବରେ ବ୍ରହ୍ମପୁର ନେକ୍ସା ଜିଏମ୍ ପ୍ରଶାନ୍ତ କୁମାର ବେହେରା, ଏସଏମ୍ ପ୍ରଦୀପ ରାୟ, ନରେନ୍ଦ୍ର କୁମାର ବେହେରାଙ୍କ ସମେତ ବହୁ ଗ୍ରାହକ ଏବଂ ଶୋ'ରୁମ କର୍ମଚାରୀ ଉପସ୍ଥିତ ଥିଲେ।



# କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମୂହିକ ବିବାହ





ବ୍ରହ୍ମପୁର,୨୦ ।୨(ସମିସ)

ସ୍ଥାନୀୟ ଗୀତା ଭବନ ପରିସରରେ କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାନେତ୍ରୀ ରଞ୍ଜନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ମେୟର ସଂଘମିତ୍ର ଦଳେଇ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉଚ୍ଚନାୟକ ଓ ସମାଜସେବୀ ସୁଶାନ୍ତ ସାବତ ଯୋଗ ଦେଇଥିଲେ। ଏଥିରେ ୧୫ ଜଣ ନବଦମ୍ପତି ବେଦମନ୍ତ୍ର ଓ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଟ୍ରଷ୍ଟ ପକ୍ଷରୁ ବିବାହ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା, ବସ୍ତ୍ର, ଭୋଜନ ଓ ଆବଶ୍ୟକ ଗୃହ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅତିଥିମାନେ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ବିବାହରେ ଯୌତୁକ ପ୍ରଥା ଓ ଅତ୍ୟଧିକ ବିବାହ ଖର୍ଚ୍ଚ ଭାର ହ୍ରାସ କରିବା ପାଇଁ ସାମୁହିକ ବିବାହ ଏକ ସାର୍ଥକ ପଦକ୍ଷେପ। ଆଗାମୀ ଦିନରେ ମଧ ଏପରି ହିତକାରୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯିବା ସହ ସମାଜର ବିଭିନ୍ନ ଶ୍ରେଣୀର ଲୋକେ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମକୁ ସଖୀ ଅନୁଷ୍ଠାନ ପକ୍ଷରୁ ସହଯୋଗ କରାଯାଇଥିବା ବେଳେ ଅନୁଷ୍ଠାନର ସଭାନେତ୍ରୀ ସୁଇଟି ସାହୁଙ୍କ ସମେତ ଉଭୟ ଅନୁଷ୍ଠାନ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉନି ରେଳ ବିଭାଗ

# ପ୍ଲାଟ୍‌ଫର୍ମ ଓ ରେଳଧାରଣା ସଫେଇ ବେଳେ ମିଳୁନି ସୁରକ୍ଷା କିଟ୍






ବ୍ରହ୍ମପୁର,୨୦ ।୨(ସମିସ)

ଦେଶର ପ୍ରମୁଖ ପରିବହନ ସଂସ୍ଥା ଭାବେ ଭାରତୀୟ ରେଳ ବିଭାଗ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଭାଗ ପକ୍ଷରୁ ଯାତ୍ରୀ ସୁବିଧା ଓ ପରିଚ୍ଛନ୍ନତାକୁ ନେଇ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ଷ୍ଟେସନ ପରିସର, ପ୍ଲାଟଫର୍ମ ଓ ରେଳ ଧାରଣା ନିୟମିତ ସଫେଇ କରୁଥିବା ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ରେଳବିଭାଗ ପକ୍ଷରୁ ଘୋର ଅବହେଳା କରାଯାଉଥିବା ଦେଖାଯାଉଛି। ଘରୋଇ ଠିକାସଂସ୍ଥା ଦ୍ୱାରା ନିୟୋଜିତ ରହିଥିବା କର୍ମଚାରୀଙ୍କୁ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଉନାହିଁ। ଏଥିଯୋଗୁଁ ସଫେଇ କର୍ମଚାରୀଙ୍କ ପ୍ରତି ସଂକ୍ରମଣ ଓ ଦୁର୍ଘଟଣାର ଯଥେଷ୍ଟ ଆଶଙ୍କା ରହିଛି। ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଷ୍ଟେସନ ହୋଇଥିବା ବେଳେ ଏହି ଷ୍ଟେସନ ଦେଇ ପ୍ରତିଦିନ ଶତାଧିକ ଟ୍ରେନ ଦେଶର ବିଭିନ୍ନ ରାଜ୍ୟକୁ ଯାତ୍ରା କରୁଥିବା ବେଳେ ହଜାର ହଜାର ଯାତ୍ରୀ ଯାତାୟାତ କରିଥାନ୍ତି। ପ୍ରତିଦିନ ବ୍ରହ୍ମପୁର ଷ୍ଟେସନ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂସ୍ଥା ପକ୍ଷରୁ ଷ୍ଟେସନର ସଫେଇ ନମନ୍ତେ ବିଭିନ୍ନ ସିଫ୍ଟରେ ପ୍ରାୟ ୪୦ରୁ ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଉକ୍ତ କର୍ମଚାରୀ ଷ୍ଟେସନର ପ୍ଲାଟଫର୍ମ ଓ ରେଳ ଧାରଣା ସଫେଇ ସମୟରେ କର୍ମଚାରୀଙ୍କୁ ସଂସ୍ଥା

## କର୍ମଚାରୀଙ୍କ ପ୍ରତି ବଢୁଛି ସଂକ୍ରମଣ ଆଶଙ୍କା

ପକ୍ଷରୁ ମାସ୍କ, ଗ୍ଲୋଭସ, ଗମବୁଟ୍, ସ୍ୟାନିଟାଇଜର ଓ ପ୍ରୋଟେକ୍ଟିଭ୍ କିଟ୍ ନିୟମିତ ଭାବେ ଯୋଗାଣ ହେଉନଥିବା ଅଭିଯୋଗ ହୋଇଛି। ଫଳରେ କର୍ମଚାରୀ ନିଜ କାର୍ଯ୍ୟ ବିନା ସୁରକ୍ଷାରେ କରୁଥିବା ଦେଖାଯାଉଛି। ବିଶେଷକରି ରେଳ ଧାରଣାରେ ଜମା ହୋଇଥିବା ଆବର୍ଜନା ଓ ମଳମୂତ୍ର ସଫା କରିବା ବେଳେ ସେମାନେ ସିଧାସଳଖ ସଂସ୍ପର୍ଶରେ ଆସୁଥିବାରୁ ଚର୍ମ ରୋଗ, ଶ୍ୱାସ ନେବାରେ କଷ୍ଟ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ଭୟ ରହୁଛି। କେତେକ ସ୍ଥାନରେ ରେଳ ଚଳାଚଳ ମଧ୍ୟରେ ସୁରକ୍ଷା ସତର୍କତା ବିନା ସଫେଇ କାମ ହେଉଥିବାରୁ ଦୁର୍ଘଟଣା ଆଶଙ୍କା ମଧ୍ୟ ରହିଛି। କାର୍ଯ୍ୟ ତଦାରଖ ନିମନ୍ତେ ରେଳ ବିଭାଗ ପକ୍ଷରୁ ଏକାଧିକ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ନିୟମିତ ଉକ୍ତ ଅଧିକାରୀ ଷ୍ଟେସନ ପରିସର ବୁଲି ଦେଖୁଛନ୍ତି। କିନ୍ତୁ ବିନା ସୁରକ୍ଷାରେ ସଫେଇ କର୍ମଚାରୀ ପ୍ଲାଟଫର୍ମ ଓ ରେଳ ଧାରଣାରେ କାର୍ଯ୍ୟ କରୁଥିବା ସେମାନଙ୍କ ନଜରରେ ଆସୁନି, ନା' ଅଧିକାରୀ ଜାଣିଶୁଣି ନିରବ ରହୁଛନ୍ତି, ସେନେଇ ପ୍ରଶ୍ନ ହେଉଛି। ସଫେଇ କର୍ମଚାରୀ ଯାତ୍ରୀ ସୁବିଧା ପାଇଁ ନିଜ ଜୀବନ ବାଜି ଲଗାଇ କାମ କରୁଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଦୁଃଖଦ ବିଷୟ ବୋଲି ବହୁ ଯାତ୍ରୀ କହିଛନ୍ତି। ସଫେଇ କର୍ମଚାରୀମାନେ ନିୟମିତ ସୁରକ୍ଷା କିଟ୍ ବଣ୍ଟନ ସହ ବିଭାଗ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବାକୁ ଯାତ୍ରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଆବଶ୍ୟକ ମୁତାବକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯିବାକୁ ଠିକା ସଂସ୍ଥାକୁ କୁହାଯିବା ସହ ଆଗାମୀ ଦିନରେ କର୍ମଚାରୀ କିଭଳି ସୁରକ୍ଷା କିଟ ସହ ସଫେଇ କାର୍ଯ୍ୟ କରିବେ ସେ ନେଇ ଗୁରୁତ୍ୱ ଦିଆଯିବ ବୋଲି ବ୍ରହ୍ମପୁର ଷ୍ଟେସନ ଚିଫ୍ ହେଲଥ ଇନସପେକ୍ଟର ଡ଼.ବିଷ୍ଣୁ ପ୍ରସାଦ କହିଛନ୍ତି।

### ସାଇବର୍ କବଚ ପକ୍ଷ ପାଳିତ

# ୪୯ ଫେକ୍ ଆକାଉଣ୍ଟ ଚିହ୍ନଟ; ୧୧ ଜଣଙ୍କ ନାଁରେ ମାମଲା

ପାରଳାଖେମୁଣ୍ଡି,୨୦।୨(ସମିସ)



ରାଜ୍ୟ ସରକାର ଓ ପୁଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୩ରୁ ୨୭ ପର୍ଯ୍ୟନ୍ତ ଜିଲ୍ଲାରେ ପାଳନ ହେଉଛି ସାଇବର କବଚ ପକ୍ଷ। ଏହି ଅବସରରେ ଗଜପତି ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ଫେକ୍ ଆକାଉଣ୍ଟ ଖୋଲି ସାଇବର ଠକେଇ ଅର୍ଥ କାରବାର ହେଉଥିବା ତଥ୍ୟ ଗଜପତି ପୁଲିସ ହାତରେ ଲାଗିଛି। ଜିଲ୍ଲାର ପାରଳାଖେମୁଣ୍ଡି, ଗାରାବନ୍ଧ, କାଶୀନଗର ଓ ମୋହନା ଥାନା ଅଞ୍ଚଳର କିଛି ବ୍ୟାଙ୍କରୁ ୪୯ ଏଭଳି ଆକାଉଣ୍ଟକୁ ଅଚଳ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ଇତିମଧ୍ୟରେ ୧୧ ଆକାଉଣ୍ଟ ସହ ଜଡ଼ିତ ଥିବା ୧୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏହି ସବୁ ଆକାଉଣ୍ଟରୁ ୪ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି। ପୁଲିସ ହାତରେ ଧରାପଡ଼ିଥିବା ସମସ୍ତ ସାଇବର ଠକରେ ଜଡ଼ିତ ଥିବା ଅଭିଯୁକ୍ତ ପାରଳାଖେମୁଣ୍ଡି ଅଞ୍ଚଳର ବୋଲି ଜଣାପଡିଛି। ଏମାନେ ସାଇବର ଅପରାଧର ଅଂଶବିଶେଷ। ସେମାନଙ୍କ ବିରୋଧରେ ତଦନ୍ତ ଚାଲିଛି, ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନେ ବିଭିନ୍ନ ନାମରେ ମ୍ୟୁଲ୍ ବା ସନ୍ଦିଗ୍ଧ ଆକାଉଣ୍ଟ ଖୋଲି ସାଇବର ଠକେଇରେ ଠକୁଥିବା ଅର୍ଥର କାରବାର କରିଛନ୍ତି। ଯାହାକୁ ନେଇ ତଦନ୍ତ ଚଳାଇଥିଲା ପୁଲିସ। ଏସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ପରବର୍ତ୍ତୀ ସମୟରେ ଆଉ ଅଧିକ ତଥ୍ୟ ପ୍ରକାଶ କରାଯିବ ବୋଲି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। କେହି ବ୍ୟକ୍ତି ଏଭଳି ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଇଲେ ସେମାନଙ୍କ ଜାଲରେ ନପଡ଼ିବାକୁ ଏସପି ପରାମର୍ଶ ଦେଇଛନ୍ତି। ଏପରି ଆକାଉଣ୍ଟ ଖୋଲି ସାଇବର କ୍ରାଇମ ସମ୍ବନ୍ଧିତ ଆର୍ଥିକ କାରବାର କରାଯାଉଛି। ଏପରି ଆକାଉଣ୍ଟ ଖୋଲିବାରେ ଯିଏବି ସହାୟତା କରିଥିବା ଜଣାଯାଏ ତେବେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ଦିନକୁ ଦିନ ସାଇବର ଠକେଇ ମାମଲା ବଢିବାରେ ଲାଗିଛି। ଅତି ଚତୁରତାର ସହ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଖାଲି କରୁଛନ୍ତି ସାଇବର ଠକ। ଯାହାକୁ ନେଇ ଜିଲ୍ଲା ପୁଲିସ ପକ୍ଷରୁ ସାଇବର କବଚ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ସାଇବର ଠକ ମାମଲାରେ ପୁଲିସ ଯେତେ ତତ୍ପର ହେଉଛି ଜିଲ୍ଲାରେ ସାଇବର ଠକ ସେତେ ସକ୍ରିୟ ହେଉଛନ୍ତି। ଏଟିଏମ ଆଖପାଖରେ ଛପି ରହୁଛନ୍ତି ଠକ। ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ମହିଳା ଓ ଆଦିବାସୀଙ୍କୁ ଟଙ୍କା ଉଠାଇ ଦେବା ଆଳରେ ଏଟିଏମ୍ ପିନ୍ ଚୋରାଇ କାର୍ଡ ପରିବର୍ତ୍ତନ କରି ଲୁଟି ନେଉଛନ୍ତି ଟଙ୍କା। ଏଭଳି ଅନେକ ଘଟଣା ସାମ୍ନାକୁ ଆସୁଛି ଓ ଅନେକ ଘଟଣାରେ ମାମଲା ଥାନାରେ ରୁଜୁ ମଧ ହୋଇ ପାରୁନଥିବା କୁହାଯାଇଛି।

## କଣ୍ଟେନରରୁ ୨୯୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ



ଟିକାବାଲି,୨୦।୨(ସମିସ): ଟିକାବାଲି ପୁଲିସ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ କରିଛି। ଏକ କଣ୍ଟେନରରୁ ୨୯୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ରାଜସ୍ଥାନର ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦ୍ୱୟ ହେଲେ ରାଜସ୍ଥାନର ରାଜେନ୍ଦ୍ର କୁମାର ମୀନା (୨୮) ଓ ପାଇଲଟ ମୀନା(୩୦)।

ଗତ ମଙ୍ଗଳବାର ସକାଳେ ଫୁଲବାଣୀ ସଦର ଥାନା ପକ୍ଷରୁ ଚେକିଂ କରାଯାଉଥିଲା। ରାଜସ୍ଥାନ ନମ୍ବର ବିଶିଷ୍ଟ ଏକ କଣ୍ଟେନର ଦ୍ରୁତ ଗତିରେ ଟିକାବାଲି ଆଡ଼କୁ ଯାଉଥିବା ସୂଚନା ପାଇ ଟିକାବାଲି ଥାନା ଅଧିକାରୀ ସଦଳବଳେ କୋଟିଲାଗଡ଼ ବ୍ରିଜ ନିକଟରେ ନାକାବନ୍ଦୀ କରିଥିଲେ। କଣ୍ଟେନର ସେଠାରେ ପହଞ୍ଚିବା ପରେ ପୁଲିସ ଅଟକାଇ ଯାଞ୍ଚ କରିଥିଲା। କଣ୍ଟେନରରେ ଭାଲିଆ ମଞ୍ଜି ବସ୍ତା ବୋଝେଇ ହୋଇଥିବାବେଳେ ଏହା ଭିତରେ ଲୁଚାଇ ରଖାଯାଇଥିବା ପ୍ରାୟ ୨୯୦ କିଲୋଗ୍ରାମ ଗଞ୍ଜେଇ ପୁଲିସ ଜବତ କରିଥିଲା। ମାଜିଷ୍ଟ୍ରେଟ୍ ଭାବେ ଟିକାବାଲି ଅତିରିକ୍ତ ତହସିଲଦାର ବିଘ୍ନରାଜ କହଁର ଉପସ୍ଥିତ ରହି ସମସ୍ତ ପ୍ରକ୍ରିୟାର ତଦାରଖ କରିଥିଲେ।

## ଖବରକାଗଜ ବିତରକଙ୍କ ପିତୃ ବିୟୋଗ

ଜି.ଉଦୟଗିରି,୨୦।୨(ସମିସ): ଖବର କାଗଜ ବିତରକ ଉଗ୍ରସେନ ନାୟକଙ୍କ ପିତା ପର୍ଶୁରାମ ନାୟକ( ୭୭)ଙ୍କ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କୁ ପରମ୍ପରା ଅନୁଯାୟୀ ସମାଧି ଦିଆଯାଇଥିଲା। ଅନ୍ତିମ ସମୟରେ ପୁଅବୋହୂ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ



ପାରଳାଖେମୁଣ୍ଡି,୨୦।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକ ଯୋଗଗୁରୁଙ୍କ ତତ୍ତ୍ୱାବଧାନରେ ଯୋଗ କରାଯାଇଥିଲା। ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ୧୯୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ୧୮୭ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା.ପ୍ରଦୀପ ମହାପାତ୍ର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ମଣ୍ଡଳ, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପଦେଷ୍ଟା ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ସଭାପତି ସୁରେନ୍ଦ୍ରନାଥ ରଥ, ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ବିନୋଦ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆବାହିକା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରଇତ ଯୋଗଦେଇ ବିବରଣୀ ପଠନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୫ ଜଣ ହିତାଧିକାରୀଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ଏହା ପରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୋଲିସ ପ୍ରଶାସନ ଦ୍ୱାରା ଡିଜିଟାଲ ସାକ୍ଷରତା, ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ ଓ ପୋଷ୍ଟ ଅଫିସର କର୍ମକର୍ତ୍ତାଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ଓ ଜିଲ୍ଲା ପ୍ରଶାସନ ଦ୍ୱାରା ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ, ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଳଗଦା ସହ ଧାନବସ୍ତା ଜଳିଗଲା



- ଜାନୁଆରୀରୁ ଟୋକନ ମିଳିଛି;ଧାନ ଉଠୁନି
- ସରକାରୀ କ୍ଷତିପୂରଣ ଦାବି କଲେ କ୍ଷତିଗ୍ରସ୍ତ ଚାଷୀ

ଗୋଷାଣି,୨୦।୨ (ସମିସ): ଗୋଷାଣି ବ୍ଲକ ସାରିଆପଲ୍ଲୀ ଗ୍ରାମର ଏକ ଧାନ ଖଳାରେ ନିଆଁ ଲାଗି ଧାନବସ୍ତା ସମେତ ପାଳଗଦା ପୋଡି ପାଉଁଶ ହୋଇଯାଇଛି। ସରକାରୀ ଅବହେଳାରୁ ଧାନ ପୋଡିଥିବା ଅଭିଯୋଗ କରି ଏବାବଦରେ ସମ୍ପୂର୍ଣ୍ଣ କ୍ଷତିପୂରଣ ଦାବି ହୋଇଛି। ଆଜି ଅପରାହ୍ନ ସାଢ଼େ ଦୁଇଟା ବେଳେ ସାରିଆପଲ୍ଲୀ ଗ୍ରାମର ଏସ୍.ସଞ୍ଜୀବ ଓ ବି.ବାବୁରାଓ ନାମକ ଚାଷୀଙ୍କ ଧାନଖଳାରେ ନିଆଁ ଲାଗିଯାଇଥିଲା। ସଞ୍ଜୀବଙ୍କ ପତ୍ନୀ ପ୍ରଥମେ ନିଆଁକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ଆୟତ୍ତ କରି ନପାରିବାରୁ ଅଗ୍ନିଶମବାହୀନୀକୁ ଖବର ଦେଇଥିଲେ। ପାରଳାଖେମୁଣ୍ଡି ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଇତି ମଧ୍ୟରେ ଗ୍ରାମବାସୀ ଓ ଚାଷୀ ମିଳିମିଶି ଖଳାରେ ଥିବା ଅନ୍ୟାନ୍ୟ ଚାଷୀଙ୍କ ଧାନବସ୍ତାକୁ ସୁରକ୍ଷିତ ଭାବେ ବାହାର କରିଥିଲେ ମଧ୍ୟ ୧୨ ବସ୍ତା ଧାନ ସହ ବର୍ଷ ତମାମ ଗୃହପାଳିତ ପଶୁ ଖାଇବା ପାଇଁ ରଖାଯାଇଥିବା ପାଳ ଜଳି ପାଉଁଶ ହୋଇଯାଇଥିଲା।

ସରକାରଙ୍କ ଧାନ କ୍ରୟ ନୀତିରେ ବିଳମ୍ବ ଓ ଅବହେଳା ଯୋଗୁ ଏପରି ଘଟିଲା। ଜାନୁୟାରୀରୁ ଟୋକନ ପାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମଣ୍ଡିକୁ ଧାନ ଯାଇନି। ଦିବା ରାତ୍ର ଖଳାରେ ଧାନ ବସ୍ତା ବାନ୍ଧି ରଖି ଜଗି ରହିଛୁ ବୋଲି କ୍ଷତିଗ୍ରସ୍ତ ଚାଷୀ କହିଛନ୍ତି। ଗାରାବନ୍ଧ ସ୍ଥିତ ଧାନମଣ୍ଡିରେ ଧାନ ଉଠୁ ନଥିବା ଓ ଏନେଇ କେହି କିଛି ସୂଚନା ଦେଉ ନଥିବା ଅଭିଯୋଗ ହେଉଛି। ଏହି କାରଣରୁ ଧାନ ଖଳା ବା ଜମିରେ ବସ୍ତା ବସ୍ତା ଧାନ ମୁକୁଳା ପଡ଼ିଛି। ଚଳିତବର୍ଷ ଅଞ୍ଚଳରେ ସରକାରଙ୍କ ଧାନକ୍ରୟ ନୀତି ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଚାଷୀଙ୍କ ନଷ୍ଟ ହେଉଥିବା ଧାନର ପ୍ରାପ୍ୟମୂଲ୍ୟ ସରକାରହିଁ ଦେବାକୁ ଦାବି କରାଯାଇଛି।

## ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିଲା ମହାପ୍ରୟାଣ ଗାଡ଼ି




ଗୁମ୍ମା,୨୦।୨(ସମିସ): ଗତ ଜାନୁଆରୀ ୧୫ରେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେରଙ୍ଗ ଗ୍ରାମର ଚନ୍ଦ୍ରଧ୍ୱଜ ସିଂଙ୍କ ମୃତ୍ୟୁ ପରେ ମହାପ୍ରୟାଣ ଗାଡ଼ି ନମିଳିବାରୁ ପରିବାର ଲୋକେ ମୃତଦେହକୁ ବାଇକରେ ନେଇଥିଲେ। ଏ ନେଇ "ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ନେବାକୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜରୁରୀ ପରିସ୍ଥିତିରେ ବର୍ତ୍ତମାନ ଜିଲ୍ଲା ମେଡିକାଲରୁ ଗାଡ଼ି ଆଣିବାକୁ ସ୍ଥିର ହୋଇଛି।

ଶୁକ୍ରବାର ସକାଳେ ସାଲିମ ଗମାଙ୍ଗଙ୍କ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ନିଜ ଗାଁ ଗୁଲେଜାଙ୍ଗ ନେବାକୁ ଦାୟିତ୍ୱରେ ଥିବା ଡ଼ା ପାର୍ଥ ପଣ୍ଡାଙ୍କୁ ଜଣାଇଥିଲେ। ଡା.ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇବା ପରେ ତୁରନ୍ତ ପାରଳାଖେମୁଣ୍ଡିରୁ ମହାପ୍ରୟାଣ ଗାଡ଼ି ଗୁମ୍ମାରେ ପହଞ୍ଚି ମୃତଦେହ ନେଇଥିଲା। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ ବୋଲି ଡ଼ା ପଣ୍ଡା କହିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ବାଲ୍ୟ ବିବାହ ନିରୋଧ ସଚେତନତା



ପାରଳାଖେମୁଣ୍ଡି,୨୦।୨(ସମିସ): ଜାତୀୟଆଇନ ସେବା ପ୍ରାଧିକରଣ (ନାଲସା) ଜାଗୃତି ଯୋଜନା ଏବଂ ନାଲସା ଆଶା ଯୋଜନା ଅନୁଯାୟୀ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ତଥା ବାଲ୍ୟ ବିବାହ ନିରୋଧ ପାଇଁ ଆଇନରେ ରହିଥିବା ବିଭିନ୍ନ ଦିଗ ବିଷୟରେ ଜନ ସଚେତନତା କାର୍ଯ୍ୟକ୍ରମ ଆଜି ଗୋଷାଣି ବ୍ଲକ ଅନ୍ତର୍ଗତ ବୋମିକା ପଞ୍ଚାୟତ ସଭାଗୃହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟର ରାଜେଶ କୁମାର ମିଶ୍ର, ସହାୟକ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ ଓ ପ୍ରଯୁକ୍ତା ଶବର, ଏପିପି ଏଡ଼ଲା ଶିବ କୁମାର, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ଭାଗ୍ୟଲକ୍ଷ୍ମୀ ନାୟକ, ସ୍ଥାନୀୟ ସରପଞ୍ଚ ଗିନି ବିମଳାବତୀ, ନାଏବ ସରପଞ୍ଚ ଏ. ବସନ୍ତ ରାଓ, ଗୁରାଣ୍ଡି ଥାନାର ଏଏସଆଇ ସୁଶାନ୍ତ ଦଳେଇ, ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁର୍ମା ରେଡ୍ଡୀ, ଗିନି ରମେଶ, ଗିନି ଲକ୍ଷ୍ମଣ ରେଡ୍ଡୀ, ପାରଳାଖେମୁଣ୍ଡି ସ୍ଥିତ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟର ଜଗନ୍ନାଥ ଚୌଧୁରୀ ଉପସ୍ଥିତ ରହି ପ୍ରବାସୀ ଶ୍ରମିକ ତଥା ଶିଶୁ ସୁରକ୍ଷାକୁ ନେଇ ରହିଥିବା ଆଇନର ବିଭିନ୍ନ ଦିଗ ବିଷୟରେ ତର୍ଜମା କରିବା ସହ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ନାଲସା)ଙ୍କ ଆଇନ ସଚେତନତା ଯୋଜନାଗୁଡ଼ିକ ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ବିଶେଷକରି ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ରହିଥିବା ସରକାରଙ୍କର ବିଭିନ୍ନ ଯୋଜନା ତଥା ପଞ୍ଜୀକରଣ, ବାଲ୍ୟ ବିବାହ ନିରୋଧ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ନ୍ୟାୟ ପ୍ରାପ୍ତି ସମ୍ପର୍କରେ ଆଜିର ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଚର୍ଚ୍ଚା କରାଯାଇଥିଲା। ସେହିପରି ଉପସ୍ଥିତ ଅତିଥିମାନେ ମହିଳାଙ୍କ ପାଇଁ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସାଇବର ଅପରାଧକୁ ନେଇ ସମସ୍ତଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବୋମିକା ପଞ୍ଚାୟତବାସୀ, ଗୁରାଣ୍ଡି ଥାନା ଓ ଜିଲ୍ଲା ନ୍ୟାୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟର ସଦସ୍ୟ ସହଯୋଗ କରିଥିଲେ।

## ସରକାରୀ ଓକିଲ ଇନ୍ଦ୍ରମଣି ପ୍ରଧାନଙ୍କ ପରଲୋକ

ଦାରିଙ୍ଗବାଡି,୨୦।୨(ସମିସ): ଦାରିଙ୍ଗବାଡି ବାର ଆସୋସିଏସନର ବରିଷ୍ଠ ଓକିଲ ତଥା ସରକାରୀ ଓକିଲ ଇନ୍ଦ୍ରମଣି ପ୍ରଧାନ(୫୭)ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ମାଳତୀ ପ୍ରଧାନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପ୍ରିୟଜନ ବନ୍ଧୁବାନ୍ଧବ, ଓକିଲ ସଙ୍ଘ ସଦସ୍ୟ, ବହୁ ମାନ୍ୟଗଣ ବ୍ୟକ୍ତି ଓ ସାମାଜିକକର୍ମୀ ପହଞ୍ଚି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ ପୁତ୍ର ଆଲୋକ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଜି.ଉଦୟଗିରି,୨୦।୨(ସମିସ): ଜି.ଉଦୟଗିରି ବସ୍‌ଷ୍ଟାଣ୍ଡ ସାହିର ଧର୍ମପ୍ରାଣଶ ବୃଦ୍ଧା ସାଧବାଣୀ ବେହେରା(୮୨)ଙ୍କ ପରଲୋକ ହୋଇଛି। ସେ ଅବିବାହିତ ଥିବାବେଳେ ପତ୍ର ଠୋଲା କରି ଗୁଜୁରାଣ ମେଣ୍ଟାଉଥିଲେ। ସେ ଦୁଇବର୍ଷ ପୂର୍ବେ ମହାଗୁଡାସାହିସ୍ଥିତ ଏକ ଜାଗା ଜି.ଉଦୟଗିରି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଦାନ କରିଥିଲେ। ମୃତା ସାଧବାଣୀଙ୍କ ଭାଇ ପୁଅଝିଅ ଥିବା ବେଳେ ସେମାନଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଥିଲା। ଖବର ପ୍ରଚାର ପରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ପହଞ୍ଚି ଅନ୍ତିମ ଦର୍ଶନ ସହ ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ।

## ମୋହନା ବ୍ଲକରେ ମାଟ୍ରିକ୍ ପରୀକ୍ଷା ଦେଲେ ୨୫୪୫ ଜଣ

ମୋହନା,୨୦।୨(ସମିସ): ମୋହନା ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ପିଏମଶ୍ରୀ ସରକାରୀ (ଏସଏସଡ଼ି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର କରାଯାଇଥିବାବେଳେ ୧୦ଟି ପରୀକ୍ଷା କେନ୍ଦ୍ର ଏହା ଅଧିନରେ ରହିଛି। ନୋଡ଼ାଲ ନିରୀକ୍ଷକ ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କର ରହିଥିବା ବେଳେ ନୋଡ଼ାଲ ଉପନିରୀକ୍ଷକ ଭାବେ ପ୍ରମୋଦ କୁମାର ସ୍ୱାଇଁ ରହିଛନ୍ତି। ପର୍ଯ୍ୟବେକ୍ଷକ ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିଡିଓ ରାଜୀବ ଦାସ, ତହସିଲଦାର ଚକ୍ରଧର ପାଢ଼ୀ ଓ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ଭୂୟାଁ ରହିଛନ୍ତି। ମୋଟ ୨୫୭୨ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକୃତ କରିଥିବା ବେଳେ ୨୫୪୫ ଜଣ ପରୀକ୍ଷା ଦେଇଛନ୍ତି। କୌଣସି କାରଣରୁ ୨୭ ଜଣ ଅନୁପସ୍ଥିତ ଥିଲେ।

## ବନପାଳ ତାଲିମ କେନ୍ଦ୍ରର ସମାବର୍ତ୍ତନ ଉତ୍ସବ



ଜି.ଉଦୟଗିରି,୨୦।୨(ସମିସ): ଜି.ଉଦୟଗିରି ସ୍ଥିତ ବନପାଳ ତାଲିମ କେନ୍ଦ୍ର ପରିସରରେ ବ୍ରହ୍ମପୁର ମଣ୍ଡଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ବିଶ୍ୱନାଥ ନିଲାନବରଙ୍କ ଅଧ୍ୟକ୍ଷତାରେ ଆଜି ଆୟୋଜିତ ୬୦ତମ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀ, ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୀମାଂଶୁ ଶେଖର ଯୋଗ ଦେଇ ତାଲିମ କେନ୍ଦ୍ରରୁ ତାଲିମ ନେଇ ନିଜ କର୍ମ କ୍ଷେତ୍ରରେ ତାର ସୁବିନିଯୋଗ କଲେ ବିଭାଗର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ବନପାଳଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉପ ବନସଂରକ୍ଷକ ଆଶିଷ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ବିବରଣୀ ପାଠ କରିଥିଲେ। ପରେ ତାଲିମରେ ଭାଗ ନେଇଥିବା ୪୮ ଜଣଙ୍କୁ ମାନପତ୍ର ସହ ପଦକ ପ୍ରଦାନ କରଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ କଳ୍ପନା ନାୟକ ଓ ଜି.ଉଦୟଗିରି ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ଓ ବନପାଳ ଶଙ୍କର ପଣ୍ଡା ଉପସ୍ଥିତ ଥିଲେ।

# ଆବର୍ଜନାରେ ଭର୍ତ୍ତି ଆଧ୍ୟାତ୍ମିକ କ୍ଷେତ୍ର ମହେନ୍ଦ୍ରଗିରି

ରାୟଗଡ,୨୦।୨(ସମିସ)







- ଜାଗର ପରଠାରୁ ବିଗିଡ଼ିଛି ପରିବେଶ
- ଦେଖି ନ ଦେଖିଲା ଭଳି ଅଭିନୟ କରୁଛି ପ୍ରଶାସନ

ଗଜପତି ଜିଲ୍ଲାର ମୁକୁଟ ଭାବେ ପରିଚିତ ଐତିହାସିକ ତଥା ପୌରାଣିକ ସ୍ଥଳ ମହେନ୍ଦ୍ରଗିରିରେ ମହାଶିବରାତ୍ରି ପାଳନ ପରେ ବିଗିଡ଼ି ଯାଇଛି ପରିବେଶ। ଯୁଆଡ଼େ ଚାହିଁବ ଗଦା ଗଦା ଆବର୍ଜନା। ସାଧାରଣ ଦିନମାନଙ୍କରେ ଲୋକଙ୍କୁ ପ୍ଲାଷ୍ଟିକ ପାଣି ବୋତଲ, ପଲିଥିନ ଥଳି ଆଦି ନେବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉଥିବା ବେଳେ ଜାଗରରେ ସବୁ କଟକଣା ଢିଲା ପଡ଼ିଯାଇଥିଲା। ଫଳରେ ଏବେ ପାହାଡ଼ ଉପରେ ଚାରିଆଡ଼େ ଅଇଁଠା ଖଲି, ପଲିଥିନ, ପଇଡ଼ ଚୋପା ଗଦା ହୋଇ ରହିଛି। ପ୍ରଶାସନ ସବୁ ଦେଖି, ସବୁ ଶୁଣି ଚୁପ୍ ବସିଥିବାବେଳେ ପ୍ରଶାସନର ମାନସିକତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ଆଧ୍ୟାତ୍ମିକ ଓ ପୌରାଣିକ କ୍ଷେତ୍ର ମହେନ୍ଦ୍ରଗିରିରେ ମହାଶିବରାତ୍ରି ପାଳନ କରିବାକୁ ଉତ୍ସବର ଦୀର୍ଘ ଦିନ ପୂର୍ବରୁ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଘନ ଘନ ବୈଠକ ଡକାଇ କିଭଳି ଉକ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ଓ ସୁନ୍ଦର ବାତାବରଣରେ ପାଳନ ହୋଇପାରିବ ଯୋଜନା ପ୍ରସ୍ତୁତ କରିଥିଲେ। ଚଳିତ ମାସ ୧୦ ତାରିଖ ଠାରୁ ମହାଶିବରାତ୍ରି ପାଳନର ପ୍ରସ୍ତୁତି ପାଇଁ ପ୍ରଶାସନିକ ଅଧିକାରୀ ମହେନ୍ଦ୍ରଗିରିରେ ଡେରା ପକାଇ ଥିଲେ। ଏପରିକି ବିଭିନ୍ନ ସଂଗଠନ ମଧ୍ୟ ଏଠାକୁ ଆସି ଭକ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥାରେ କରିଥିଲେ। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ଶ୍ରଦ୍ଧାଳୁ ନିଜ ନିଜ ସୁବିଧା ଅନୁସାରେ ପଲିଥିନ ଥଳି ଯୋଗେ ଖାଦ୍ୟପେୟ, ପ୍ଲାଷ୍ଟିକ ପାଣି ବୋତଲ ଆଦି ନେଇ ମହେନ୍ଦ୍ରଗିରି ଶିଖରରେ ପହଞ୍ଚିବା ପରେ ସାଙ୍ଗରେ ନେଇଥିବା ଆବଶ୍ୟକ ସାମଗ୍ରୀ ବ୍ୟବହାର କରି ସାରି ସେହି ପଲିଥିନ ଓ ପ୍ଲାଷ୍ଟିକ ବୋତଲ ଏଣେତେଣେ ଫିଙ୍ଗି ଦେଇଥିବାରୁ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ ମନ୍ଦିର ପରିସରରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। କିନ୍ତୁ ମହାଶିବରାତ୍ରି ଉତ୍ସବ ସାରି ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଫେରି ଯାଇଛନ୍ତି। ଏଠାରେ ପଡିରହି ଦୁର୍ଗନ୍ଧ ବାହାରୁଥିବା କୁଢ଼କୁଢ଼ ଅଳିଆ ଆବର୍ଜନାକୁ ସଫେଇ କରିବା କିମ୍ବା ନଷ୍ଟ କରିବାର ଦାୟିତ୍ୱ କାହାର ତାହା ଭୁଲିଯାଇଛନ୍ତି। ଆଜି ଯାଏଁ ସେହି ସ୍ଥାନରେ ଅଳିଆ ଆବର୍ଜନା ପଡି ରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲେ ମଧ୍ୟ ସେ ସବୁ ହଟାଇବାକୁ କାହାର ନିଘା ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉତ୍ସବ ପାଳନ ପାଇଁ ତହସିଲଦାର, ପଞ୍ଚାୟତ ଓ ବାରଘର ବାସିନ୍ଦା ପ୍ରସାଦ ବିକ୍ରି, ଦର୍ଶନ ଟିକଟ ଓ ପାର୍କିଙ୍ଗ ପାଇଁ ଶ୍ରଦ୍ଧାଳୁଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିନେଇ ତାହାର ସୁବିନିଯୋଗ ଓ ସୁପରିଚାଳନା କରୁନଥିବା ଇକୋ ଡେଭଲପମେଣ୍ଟ କମିଟି ସଭାପତି ସନିଆ ଧାଙ୍ଗଡାଭୂୟାଁଙ୍କ ସମେତ ସଦସ୍ୟ ଅଭିଯୋଗ ଆଣିଛନ୍ତି। ଏନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଥିବାବେଳେ ବିଭିନ୍ନ ଆଳ ଦେଖାଇ ସ୍ଥାନୀୟ ପଞ୍ଚାୟତ ଓ ତହସିଲ ପ୍ରଶାସନ ଦେଖଣାହାରୀ ସାଜିଥିବାରୁ ମହେନ୍ଦ୍ରଗିରିର ସବୁଜିମା ଓ ଅସ୍ତିତ୍ୱ ବଞ୍ଚାଇବା ଦାୟିତ୍ୱ କାହାର ବୋଲି ପ୍ରଶ୍ନ ଉଠୁଛି। ଏନେଇ ସଂକ୍ରାନ୍ତରେ ତହସିଲଦାର ସୁକାନ୍ତ କୁମାର ପ୍ରଧାନଙ୍କ ସହ ଯୋଗଯୋଗ କରାଯାଇଥିଲା ବେଳେ ସେ ଫୋନ ଉଠାଇ ନଥିଲେ।

